# ବିଜୁଳି ଦର ବୃଦ୍ଧି ବିରୋଧରେ ୩୧ ମାର୍ଚ୍ଚ ରାଜ୍ୟବ୍ୟାପି ହରତାଳକୁ ସି.ପି.ଆଇ.(ଏମ୍)ର ସମର୍ଥନ ଘୋଷଣା

---

ବିଜୁଳି ଦରବୃଦ୍ଧି ବିରୁଦ୍ଧରେ ଓଡିଶା ରାଜ୍ୟ ବିଦ୍ୟୁତ ଉପଭୋକ୍ତା ମହାସଂଘ ୩୧ ମାର୍ଚ୍ଚରେ ରାଜ୍ୟ ବ୍ୟାପି ହରତାଳ ପାଳନ କରିବା ପାଇଁ ଘୋଷଣା କରିଛି । ଏହି ହରତାଳ ଡାକରାକୁ ସି.ପି.ଆଇ.(ଏମ୍) ଓଡିଶା ରାଜ୍ୟ କମିଟି ସମର୍ଥନ ଘୋଷଣା କରିଛି । ସି.ପି.ଆଇ.(ଏମ୍) ରାଜ୍ୟ ସଂପାଦକମଣ୍ଡଳୀର ଜରୁରୀ ବୈଠକ ରାଜ୍ୟ କାର୍ଯ୍ୟାଳୟରେ ବରିଷ୍ଠ ସି.ପି.ଆଇ.(ଏମ୍) ନେତା ଜନାର୍ଦ୍ଦନ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସି.ପି.ଆଇ(ଏମ୍) ରାଜ୍ୟ ସଂପାଦକମଣ୍ଡଳୀ କହିଛି ଯେ ବି.ପି.ଏଲ୍. ପରିବାର , ସାଧାରଣ ବିଦ୍ୟୁତ ଖାଉଟି, ଚାଷୀ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଉପରେ ରାଜ୍ୟ ସରକାର ବୃଦ୍ଧି କରିଥିବା ବିଜୁଳି ଟିକସ ଜନବିରୋଧି ଏବଂ ଚାଷୀ ବିରୋଧି ଅଟେ । "ଏପ୍ରିଲ ପହିଲା ଓଡିଶା ଦିବସରେ ବିଜୁଳି ଦର ବୃଦ୍ଧି" ରାଜ୍ୟ ସରକାରଙ୍କ ରାଜ୍ୟବାସୀଙ୍କୁ ଉପହାର ବୋଲି ସି.ପି.ଆଇ.(ଏମ୍) ତରଫରୁ କୁହାଯାଇଛି । ରିଲାଏନ୍ସ କମ୍ପାନୀ ଉପରେ ବକେୟା ଥିବା ୫,୦୦୦ କୋଟି ଟଙ୍କା ଅବିଳମ୍ବେ ଆଦାୟ କରିବା ପାଇଁ ସି.ପି.ଆଇ.(ଏମ୍) ଦାବି କରିଛି ।

ଦଳର ରାଜ୍ୟ ସଂପାଦକ ଅଳି କିଶୋର ପଟ୍ଟନାୟକ ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି ଯେ ୩୧ ତାରିଖ ପୂର୍ବରୁ ତମାମ ରାଜ୍ୟରେ ପାର୍ଟି ଏବଂ ଗଣ ସଂଗଠନ ତରଫରୁ ବ୍ୟାପକ ପ୍ରଚାର ଅଭିଯାନ ସଂଗଠିତ କରାଯିବ । ୩୧ ମାର୍ଚ୍ଚରେ ବିଜୁଳି ଦରବୃଦ୍ଧି ପ୍ରତ୍ୟାହାର ଓ ରିଲାଏନ୍ସ କମ୍ପାନୀଠାରୁ ବକେୟା ଅର୍ଥ ଆଦାୟ ଦାବି କରି ରାଜ୍ୟ ତମାମ ପଟୁଆର , ବିକ୍ଷୋଭ, ଧାରଣା , ସଭା ଇତ୍ୟାଦି ବ୍ୟାପକ ଭାବେ ସଂଗଠିତ କରାଯିବ । ରାଜ୍ୟ ବାସୀ ଏବଂ ଲକ୍ଷ ଲକ୍ଷ ବିଦ୍ୟୁତ ଉପଭୋକ୍ତା ରାଜ୍ୟ ସରକାରଙ୍କର ଏହି ଜନବିରୋଧୀ ନିଷ୍ପତି ବିରୋଧରେ ପ୍ରତିବାଦ କରିବା ସହିତ ୩୧ ମାର୍ଚ୍ଚର ହରତାଳ ପାଇଁ ସମର୍ଥନ ଦେବାକୁ ଶ୍ରୀ ପଟ୍ଟନାୟକ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି । ଆଜିକାର ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଂପାଦକମଣ୍ଡଳୀ ସଭ୍ୟ ସନ୍ତୋଷ ଦାସ, ଦୁଷ୍ମନ୍ତ ଦାସ, ସୁରେଶ ପାଣିଗ୍ରାହୀ ଏବଂ ନିର୍ମଳ ନାୟକ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ ।

(ଅଳି କିଶୋର ପଟ୍ଟନାୟକ)
ସଂପାଦକ

ସଦ୍ୟ ପ୍ରକାଶନ/ପ୍ରସାରଣ ନିମନ୍ତେ ଅନୁରୋଧ